E-mailid: cdpokanka.or@nic.in

# ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, କଙ୍କଡ଼ାହାଡ଼

ବିଜ୍ଞାପନ ସଂଖ୍ୟା – ୧୨୭୭ ତାରିଖ – ୧୨/୦୮/୨୦୨୬

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ କଙ୍କଡ଼ାହାଡ଼ ଅଧୀନରେ ଖାଲିଥିବା ୦୪ ଗୋଟି ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି ସହାୟିକା ନିଯୋଜନ ନିମନ୍ତେ Online Portal ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଦରଖାସ୍ତ ଗ୍ରହଣ କରିବାର ତାରିଖ ତା ୨୦-୦୮-୨୦୨୬ ରିଖ ଠାରୁ ୦୩-୦୯-୨୦୨୬ ତାରିଖ ପର୍ଯ୍ୟନ୍ତ ସମୟ ରାତ୍ର ୧୧:୫୯ ଘଟିକା ମଧ୍ୟରେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ । ଇଚ୍ଛୁକ ମହିଳା ପ୍ରାର୍ଥୀନୀମାନେ Website: http://engagement-awc.odisha.gov.in/landing ରେ ରେଜିଷ୍ଟ୍ରେସନ କରିବେ ଏବଂ Public Login କରି (Username & Password) ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ଆବେଦନ କରିପାରିବେ । ଆପଣମାନେ ମଧ୍ୟ http://engagement-awc.odisha.gov.in/landing Portal ର ହୋମ ପେଜ ର How to apply vacancies? ଟ୍ୟାବ ରୁ ଦରଖାସ୍ତ ଆବେଦନ କରିବାର ସମସ୍ତ ଉପଦେଶ ପାଇପାରିବେ । ଏହା ବ୍ୟତୀତ offline ଆବେଦନ ଗ୍ରହଣ କରାଯିବ ନାହିଁ । ଏଥି ନିମିତ୍ତ ନିମ୍ନ ଲିଖିତ ସର୍ତ୍ତାବଳି ଅନୁସାରେ ଇଚ୍ଛୁକ ମହିଳା ପ୍ରାର୍ଥୀନୀ ମାନେ ଆବେଦନ କରିପାରିବେ ।

**<u>ସର୍ତ୍ତାବଳୀ :-</u>**

୧- ପ୍ରାର୍ଥୀନୀ ସ୍ଥାନୀୟ ଅଞ୍ଚଳର ( ଅଙ୍ଗନବାଡି କେନ୍ଦ୍ର ପରିସରଭୁକ୍ତ ) ଜଣେ ମହିଳା ହୋଇଥିବା ଆବଶ୍ୟକ । କେନ୍ଦ୍ର ପାଇଁ ଚିହ୍ନଟ କରାଯାଇଥିବା ସେବା ପରିସରଭୁକ୍ତ ଅଞ୍ଚଳର ସର୍ଭେ ତାଲିକା ବ୍ୟତୀତ ସମ୍ପୃକ୍ତ ରାଜସ୍ୱ ଗ୍ରାମ ତଥା ସମ୍ପୃକ୍ତ ଗ୍ରାମ ପଞ୍ଚାୟତରୁ ପ୍ରାର୍ଥିନୀ ମାନେ ଆବେଦନ କରିପାରିବେ । କିନ୍ତୁ କେବଳ କେନ୍ଦ୍ର ପାଇଁ ଚିହ୍ନଟ କରାଯାଇଥିବା ସେବା ପରିସରଭୁକ୍ତ ଅଞ୍ଚଳର ସର୍ଭେ ତାଲିକା ମଧ୍ୟରୁ ଯଦି କେହି ଯୋଗ୍ୟ ପ୍ରାର୍ଥୀନୀ ଆବେଦନ ନ କରନ୍ତି ତେବେ ପର୍ଯ୍ୟାୟକ୍ରମେ ସମ୍ପୃକ୍ତ ରାଜସ୍ୱ ଗ୍ରାମରୁ, ସମ୍ପୃକ୍ତ ପଞ୍ଚାୟତ ଅନ୍ତର୍ଗତ ଅଙ୍ଗନବାଡି କେନ୍ଦ୍ରର ନିକଟବର୍ତ୍ତୀ ଗ୍ରାମ ତଥା ସର୍ବ ଶେଷରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅଞ୍ଚଳରୁ ଆବେଦନ କରିଥିବା ପ୍ରାର୍ଥୀନୀ ମାନଙ୍କ ଦରଖାସ୍ତ ବିଚାରକୁ ନିଆଯିବ ।

୨ - ପ୍ରାର୍ଥୀନୀମାନଙ୍କର ବୟସ ତାରିଖ ୦୧-୦୧-୨୦୨୬ ମସିହା ସୁଦ୍ଧା ୧୮ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବ ।

୩ - ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ପାସ କିମ୍ବା ତତୁର୍ଦ୍ଧ ହୋଇଥିବ ।ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀନୀ କୁ ଗ୍ରେସ ମାର୍କ ଦିଆଯିବ । ଦରଖାସ୍ତ ସହିତ ଶିକ୍ଷାଗତ ଯୋଗ୍ୟତାର ସାର୍ଟିଫିକେଟ, ମାର୍କସିଟର (ଆଗ ପଛ) ଅବିକଳ ନକଲ ଗୁଡିକ ଆବେଦନକାରୀ Online ଫର୍ମ ରେ ଅପଲୋଡ କରିବେ ।

୪ – ତହସିଲ କାର୍ଯ୍ୟାଳୟରୁ ୬ମାସ ମଧ୍ୟରେ ପ୍ରାପ୍ତ ହୋଇଥିବା ବର୍ତ୍ତମାନର ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଓ ଜାତିଗତ ପ୍ରମାଣ ପତ୍ର ରଅବିକଳ ନକଲ ଗୁଡିକ ଆବେଦନକାରୀ Online ଫର୍ମ ରେ ଅପଲୋଡ କରିବେ ।

୫- ବିଧବା / ଭିନ୍ନକ୍ଷମ / ସ୍ୱାମୀ ପରିତ୍ୟକ୍ତା / ଅନାଥ / ଅସହାୟ ହୋଇଥିଲେ, ଏହାର ପ୍ରମାଣପତ୍ର ଆବେଦନକାରୀ ନିଜେ ସ୍ୱାକ୍ଷର କରି ଅନଲାଇନ ଫର୍ମରେ ଅପଲୋଡ଼ କରିବେ ତେବେ ସେହି ମାନଙ୍କୁ ଗ୍ରେସ ମାର୍କ ଦିଆଯିବ । ଭିନ୍ନକ୍ଷମ ପ୍ରମାଣ ପତ୍ର କେବଳ ଢେଙ୍କାନାଳ ଜିଲ୍ଲାର ହୋଇଥିବା ଆବଶ୍ୟକ ।

୬ - ଜଣେ ଆବେଦନ କାରୀ କେବଳ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ପାଇଁ ହିଁ ଆବେଦନ କରିପାରିବେ ।

୭- ପାସପୋର୍ଟ ଫୋଟୋଗ୍ରାଫ, ଭୋଟ ପରିଚୟପତ୍ର , ଆଧାର କାର୍ଡ ଗୁଡିକୁ ଅନଲାଇନ ଫର୍ମରେ ଅପଲୋଡ଼ କରିବେ ।

୮ - ଅନଲାଇନ ରେ ଦରଖାସ୍ତ ଫର୍ମ ପକେଇବାର ଶେଷ ତାରିଖ ୦୩-୦୯-୨୦୨୬। ଦିଆଯାଇଥିବା Website: http://engagement-awc.odisha.gov.in/landing ରେ ଇଚ୍ଛୁକ ମହିଳା ପ୍ରାର୍ଥୀନୀମାନେ ଆବଶ୍ୟକ ପ୍ରମାଣ ପତ୍ର ସହିତ ଅନଲାଇନ ରେ ଆବେଦନ କରିପାରିବେ । ନିର୍ଦ୍ଧାରିତ ସମୟ ୦୩-୦୯-୨୦୨୬ ରାତ୍ର ୧୧:୫୯ ଘଟିକା ପରେ ପ୍ରାର୍ଥୀନୀ ଙ୍କ ଠାରୁ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । Offline ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

Scanned with OKEN Scanner

୯- ଦରଖାସ୍ତ ଗ୍ରହଣ କରିବାର ଶେଷ ହେବାପରେ ଅର୍ଥାତ ତା ୦୫-୦୯-୨୦୨୬ ରିଖ ସକାଳ ୧୧ ଘଣ୍ଟିକା ଠାରୁ ପୂର୍ବାହ୍ନ ୫ ଘଣ୍ଟିକା ପର୍ଯ୍ୟନ୍ତ ଆବେଦନକାରୀ ଅନଲାଇନ ମାଧ୍ୟମରେ ଅପଲୋଡ଼ କରିଥିବା ସାର୍ଟିଫିକେଟ ର ଅବିକଳ ନକଲ ଓ ମୂଳ ଅରଜିନାଲ ପ୍ରମାଣ ପତ୍ର ସହ ନିମ୍ନ ସ୍ୱାକ୍ଷର କାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ । ଯାହାଦ୍ୱାରା ଚୟନ କମିଟି ଦ୍ୱାରା ମୂଳ ସାର୍ଟିଫିକେଟ ଯାଞ୍ଚ କରାଯାଇ ଏକ ତାଲିକା ପ୍ରସ୍ତୁତ କରାଯିବ ।

୧୦ - ଉକ୍ତ ତାଲିକାରେ ସ୍ଥାୟୀ ବାସିନ୍ଦା / ଶିକ୍ଷାଗତ ଯୋଗ୍ୟତା / ଜାତି ଗତ ପ୍ରମାଣପତ୍ର ରେ ଯଦି କିଛି ତ୍ରୁଟି ଥାଏ ତାହେଲେ ଯେ କୌଣସି ବ୍ୟକ୍ତି ବା ପାର୍ଥିନି ଅନଲାଇନ ମାଧ୍ୟମରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଭିଯୋଗ ଅନଲାଇନ ମାଧ୍ୟମରେ ହିଁ Verification ପରଠାରୁ ୭ଦିନ ମଧ୍ୟରେ କରିପାରିବେ ଅର୍ଥାତ ତା ୦୭-୦୯-୨୦୨୬ ରିଖ ରୁ ତା ୧୩-୦୯-୨୦୨୬ ରିଖ ପର୍ଯ୍ୟନ୍ତ ଅଭିଯୋଗ ପତ୍ର ଦାଖଲ କରିପାରିବେ ।

୧୧ - ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଓଡିଶା ସରକାରଙ୍କ ଅଙ୍ଗନୱାଡି ଚୟନପ୍ରକ୍ରିୟାର ମାର୍ଗ ଦର୍ଶିକା(୨୦୨୩) ଏବଂ (୨୦୨୬) ଅନୁଯାଇ କରାଯିବ ।

୧୨ - ଅସମ୍ପୂର୍ଣ୍ଣ ତଥା ଆବଶ୍ୟକ ପ୍ରମାଣ ପତ୍ର ଅପଲୋଡ ହୋଇନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ ।

**ନିମ୍ନଲିଖିତ ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ତାଲିକା :-**

| କ୍ରମିକ ନମ୍ବର | ପଂଚାୟତର ନାମ | ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | କେଉଁ ଘର ଠାରୁ କେଉଁ ଘର ପର୍ଯ୍ୟନ୍ତ |
|---|---|---|---|
| ୦୧ | କାନ୍ତୋଲ | ଏକୁଲ | ପରିବାର ସର୍ବେକ୍ଷଣ ପଞ୍ଜିକା ଏକୁଲ ଅନୁଯାୟୀ ଏକୁଲ ସାହି ପ୍ରଥମ ଘର ଆନନ୍ଦ ଦେହୁରୀଙ୍କ ଘର ଠାରୁ ଶେଷ ଘର ଦଶରଥ ଦେହୁରୀଙ୍କ ଘର ପର୍ଯ୍ୟନ୍ତ । କୋଟ ସାହି ପ୍ରଥମ ଘର ମେଣ୍ଢା ଦେହୁରୀଙ୍କ ଘର ଠାରୁ ଶେଷ ଘର ବିଟୁ ଦେହୁରୀଙ୍କ ଘର ପର୍ଯ୍ୟନ୍ତ । ସେକୁଲ ସାହି ପ୍ରଥମ ଘର ହାଡିବନ୍ଧୁ ଦେହୁରୀଙ୍କ ଘର ଠାରୁ ଶେଷ ଘର ସାଇତା ପଧାନଙ୍କ ଘର ପର୍ଯ୍ୟନ୍ତ ।<br>**(MADA AREA)** |
| ୦୨ | କାନ୍ତୋଲ | ପୁଟିପାଳ | ପରିବାର ସର୍ବେକ୍ଷଣ ପଞ୍ଜିକା ପୁଟିପାଳ ଅ.କେନ୍ଦ୍ର ଅନୁଯାୟୀ ପ୍ରଥମ ଘର ସୁବର୍ଣ୍ଣ ପଧାନ ଙ୍କ ଠାରୁ ଶେଷ ଘର କୁଶ ପଧାନ ଙ୍କ ଘର ପର୍ଯ୍ୟନ୍ତ ।<br>ଯେହେତୁ ଏହି କେନ୍ଦ୍ର ନିମନ୍ତେ ପୂର୍ବରୁ ୨ ଥର ବିଜ୍ଞାପନ ପ୍ରକାଶ ପାଇଥିଲେ ମଧ୍ୟ କୌଣସି ପ୍ରାର୍ଥୀ ଆବେଦନ କରିନଥିଲେ ତେଣୁ ଓଡିଶା ସରକାରଙ୍କ ଅଙ୍ଗନୱାଡି ଚୟନପ୍ରକ୍ରିୟାର ମାର୍ଗ ଦର୍ଶିକା(୨୦୨୩) ଏବଂ (୨୦୨୬) ଅନୁଯାଇ ପାଖ ରାଜସ୍ୱ ଗ୍ରାମରୁ ଆବେଦନ କରିଥିବା ପ୍ରାର୍ଥିନୀଙ୍କ ଆବେଦନ ପତ୍ରକୁ ବିଚାରକୁ ନିଆଯାଇପାରେ ।<br>**(MADA AREA)** |
| ୦୩ | ବାମ | ବାଉଁଶମୁଣ୍ଡା | ପରିବାର ସର୍ବେକ୍ଷଣ ପଞ୍ଜିକା ବାଉଁଶମୁଣ୍ଡା ଅ କେନ୍ଦ୍ର ଅନୁଯାୟୀ **ବାଉଁଶମୁଣ୍ଡା** ପ୍ରଥମ ଘର ଧନେଶ୍ୱର ମାରାଣ୍ଡି ଙ୍କ ଘର ଠାରୁ ଶେଷ ଘର ବଚନ ଲୋହାର, **ପଧାନସାହି** ପ୍ରଥମ ଘର ସୁକୁଟି ପଧାନ ଙ୍କ ଘର ଠାରୁ ପାଣ୍ଡୁ ପଧାନ ଙ୍କ ଘର ପର୍ଯ୍ୟନ୍ତ । |
| ୦୪ | ଘାଗରାମୁଣ୍ଡା | ଅସନବାହାଳି | ପରିବାର ସର୍ବେକ୍ଷଣ ପଞ୍ଜିକା ଅସନବାହାଳି ଅ.କେନ୍ଦ୍ର ଅନୁଯାୟୀ ଜାମ୍ବୁ ସାହି ପ୍ରଥମ ଘର ସାରଙ୍ଗ ବେହେରା ଙ୍କ ଘର ଠାରୁ ଶେଷ ଘର କୃଷ୍ଣ ଚନ୍ଦ୍ର ସାହୁ ଙ୍କ ଘର ପର୍ଯ୍ୟନ୍ତ **ଚୌପାଡି ସାହି** ପ୍ରଥମ ଘର ଖୁଜାରୁ ପେଣ୍ଠୋଇ ଙ୍କ ଠାରୁ ଶେଷ ଘର ରମେଶ ସାହୁ ଙ୍କ ଘର ପର୍ଯ୍ୟନ୍ତ । |

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ

କଙ୍କଡାହାଡ

Scanned with OKEN Scanner

ଜ୍ଞାପକ ସଂଖ୍ୟା – ୧୨୭୪ ତାରିଖ - ୧୭/୦୪/୨୦୨୬

ଏହାର ଏକକିତା ଅବିକଳ ନକଲ ଜିଲ୍ଲାପାଳ, ଢେଙ୍କାନାଳ / ଉପ-ଜିଲ୍ଲାପାଳ କାମାକ୍ଷାନଗର / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଢେଙ୍କାନାଳ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, କଙ୍କଡ଼ାହାଡ଼ / ମୁଖ୍ୟ ଚିକିତ୍ସା ଅଧିକାରୀ, ସି.ଏଚ.ସି. , ବିରାଶାଳ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ

ଜ୍ଞାପକ ସଂଖ୍ୟା – ୧୨୭୭ ତାରିଖ - ୧୭/୦୪/୨୦୨୬

ଏହାର ଏକକିତା ଅବିକଳ ନକଲ ଅଫିସ ନୋଟିସ ବୋର୍ଡ / ସମାଜ ସମ୍ପ୍ରସାରଣ ସଂଗଠନ କଙ୍କଡ଼ାହାଡ଼ / ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର / ସମ୍ପୃକ୍ତ ଗ୍ରାମ ମଣ୍ଡପ / ସମ୍ପୃକ୍ତ ଗ୍ରାମ ପଂଚାୟତ / ପଂଚାୟତ ସମିତି ନୋଟିସ ବୋର୍ଡ ରେ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ସେକ୍ଟର ସୁପରଭାଇଜରଙ୍କୁ ନିଜ କେନ୍ଦ୍ର କୁ ଯାଇ ବିଜ୍ଞାପନଟିର ବହୁଳ ପ୍ରଚାର କରିବା ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
କଙ୍କଡ଼ାହାଡ଼

Scanned with OKEN Scanner